The Odisha Gazette

EXTRAORDINARY

PUBLISHED BY AUTHORITY

No. 724	CUTTACK,	THURSDAY,	MARCH	28,	2024/CHAITRA	8,	1946

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଅଧିସୂଚନା

No. 8380--RDM-LAC-KNJ-0001-2024-R&DM, **Dated 18-03-2024**

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛିକି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ କେନ୍ଦୁଝର ଜିଲ୍ଲାର କାନୁପୁର ଜଳସେଚନ ପ୍ରକଳ୍ପର କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- **ନୁଆଗାଁ**, ଥାନା- କେନ୍ଦୁଝର ସଦର ନଂ- ୪୪, ତହସିଲ- କେନ୍ଦୁଝର ସଦର, ଜିଲ୍ଲା- କେନ୍ଦୁଝର ରେ ନିମ୍ନ ତଫସିଲ ମତେ ପ୍ରାୟ **ଏ ୦.୮୭** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR&R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧- ସାର୍ବଜନୀନ ଉଦ୍ଦେଶ୍ୟରେ ସ୍ୱରୁପ- କାନୁପୁର ଜଳସେଚନ ପ୍ରକଳ୍ପର କେନାଲ ନିର୍ମାଣ ନିମନ୍ତେ |

୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଅଧିକ୍ଷଣ ଯନ୍ତ୍ରୀ, କାନୁପୁର କେନାଲ ଡିଭିଜନ ନଂ-୨, ରିମୁଳି, କେନ୍ଦୁଝର ।

୩- କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ :- ସାର୍ବଜନୀନ ଉଦ୍ଦେଶ୍ୟରେ କାନୁପୁର ଜଳସେଚନ ପ୍ରକଳ୍ପର ନିର୍ମାଣ ନିମନ୍ତେ କାର୍ଯ୍ୟକାରି କରିବା ।

୪- ସାମାଜିକ ପ୍ରଭାବ ମୂଲ୍ୟାୟନ ର ସାରାଂଶ :- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ |

୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ :- ଉପ-ଜିଲ୍ଲା ପାଳ, ଚମ୍ପୁଆ ।

୬- ଜମି ର ବିବରଣୀ:-

ଜିଲ୍ଲା	ତହସିଲ	ଗ୍ରାମ	ଗ୍ରାମାଞ୍ଚଳ / ସହରାଞ୍ଚଳ	ଖାତାନଂ	ପ୍ଲଟ୍ ନଂ	ପ୍ଲଟ୍ ର ମୋଟର କବା	ଅଧିସୂଚୀତଜମିରର କବା	ରୟତ୍‌ର ନାମ
କେନ୍ଦୁଝର	କେନ୍ଦୁଝର ସଦର	**ନୁଆଗାଁ**	ଗ୍ରାମାଞ୍ଚଳ	ଏଥି ସହିତ ସଂଲଗ୍ନ	ଏଥି ସହିତ ସଂଲଗ୍ନ	ଏ **୨.୯୭**	ଏ **୦.୮୭**	ଏଥି ସହିତ ସଂଲଗ୍ନ

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, କାନୁପୁର ଜଳସେଚନ ପ୍ରକଳ୍ପ, ରିମୁଳି, କେନ୍ଦୁଝରଙ୍କ କାର୍ଯ୍ୟାଳୟ ରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରା ଯାଇ ପାରିବ ନାହିଁ ।

ଭୂମି ଅନୁସୂଚୀ

ମୌଜା – ନୁଆଗାଁ, (ଗ୍ରାମାଞ୍ଚଳ), ଥାନା-ସଦର ନଂ୪୪, ତହସିଲ – ସଦର, ଜିଲ୍ଲା- କେନ୍ଦୁଝରର
କାନପୁର ଜଳସେଚନ ପ୍ରକଳ୍ପର ଝୁମ୍ପୁରା ମାଇନର କେନାଲ ନିର୍ମାଣ ନିମନ୍ତେ

ଖାତା ନଂ	ସତ୍ୱ	ପ୍ଲଟ ନଂ	କିସମ	ପ୍ଲଟର ମୋଟ ରକବା (ଏକରରେ)	ଅଧିସୂଚିତ ଜମିର ରକବା (ଏକରରେ)	ରୟତର ନାମ
୧୫	ରୟତି	୬୫	ଶାରଦ ଏକ	୧.୨୪	୦.୦୪	ଖଗେଶ୍ୱର ସାହୁ, ପି- କୃପାସିନ୍ଧୁ ସାହୁ, ଜା- କୁବେରପୁତ୍ର, ବା- ଝୁମ୍ପୁରା
୧୮	ରୟତି	୧୮	ଶାରଦ ଏକ	୦.୩୮	୦.୨୦	ଗଙ୍ଗାଧର ପଧାନ, ପି- ପବନା ପଧାନ, ମହୁର ପଧାନ, ପି- ସୁଦର ପଧାନ, ଜା- ଗୋପାଳ, ବା- ନିଜଗାଁ
		୨୦	ଶାରଦ ଦୁଇ	୦.୬୬	୦.୩୪	
୪୯	ରୟତି	୬୩	ଶାରଦ ତିନି	୦.୧୫	୦.୦୫	ବିଜୟ କୁମାର ସାହୁ ପି- କ୍ଷେତ୍ରମୋହନ ସାହୁ, ଜା- କୁବେରପୁତ୍ର, ବା- ଝୁମ୍ପୁରାଁ
୭୫/୩୩	ରୟତି	୬୩/ ୫୭୩	ଶାରଦ ତିନି	୦.୪୭	୦.୧୭	ଗଙ୍ଗାଧର ପଧାନ, ପି- ପବନା ପଦାନ, ଜା- ଗୋପାଳ, ବା- ଝୁମ୍ପୁରା ଥା- ଚମ୍ପୁଆ
୭୫/୩୯	ରୟତି	୧୯	ଶାରଦ ଏକ	୦.୦୭	୦.୦୭	ଶୁକରମନି ହେମ୍ରମ୍ ସ୍ୱା- ଦେବରାଜ ହେମ୍ରମ୍, ଜା- କୋହ୍ଲ, ବା- ନିଜଗାଁ
		ମୋଟ ରୟତି ଜମି			**୦.୮୭**	

ରାଜ୍ୟପାଳଙ୍କ ଆଦେଶାନୁସାରେ
ଦିଗନ୍ତ ରାଉତରାୟ
ଅତିରିକ୍ତ ଶାସନ ସଚିବ

Printed and Published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 2934—173+30